## ଛେଳିଛୁଆ ଜନ୍ମ ସମୟରେ ମୁଖ୍ୟ ସମସ୍ୟା ନିବାରଣର ଏକ କ୍ଷେତ୍ର ପ୍ରଦର୍ଶନ



ଆମ ଜଗତସିଂହପୁର ଜିଲ୍ଲାରେ ଛେଳିପାଳନରେ ଗୋଟିଏ ମୁଖ୍ୟ ସମସ୍ୟା ହେଲା ଛେଳିଛୁଆମାନଙ୍କର ଅତ୍ୟଧିକ ମୃତ୍ୟୁହାର । ଏହାକୁ କମାଇବା ପାଇଁ ମା' ଛେଳିର ଖାଦ୍ୟକୁ ଯଦି ସୁଷମ କରାଯାଇପାରେ, ଯଦ୍ୱାରା ସେମାନେ ଅଧିକ କ୍ଷୀର ଉତ୍ପାଦନ କରିପାରିବେ ଏବଂ ଅଧିକ ଓଜନର ସୁସ୍ଥ ଛୁଆ ମଧ ଜନ୍ମ କରିପାରିବେ । ଏହାକୁ ଆଖିରେ ରଖି କୃଷି ବିଜ୍ଞାନ କେନ୍ଦ୍ର ଦ୍ୱାରା ତିର୍ତ୍ତୋଲ ବ୍ଲକ୍‌ର ତିର୍ତ୍ତୋଲ ଗ୍ରାମ ଏବଂ ଉଅଁସର ଗ୍ରାମରେ ଏକ ଆଗୁଆଧାଡ଼ି କ୍ଷେତ୍ରପ୍ରଦର୍ଶନ କରାଯାଇଅଛି । ଛେଳିପାଳକମାନଙ୍କୁ ମକା, ସୋୟା, ଚୋକଡ଼, ବାଦାମପିଡ଼ିଆ, ଖଣିଜଲବଣ ଏବଂ ଲୁଣ ଇତ୍ୟାଦି ସଠିକ୍ ପରିମାଣରେ ମିଶାଇ ଏକ ସନ୍ତୁଳିତ ଛେଳି ଆହାର ପ୍ରସ୍ତୁତ କରିବା ପଦ୍ଧତି ଶିଖାଯାଇଅଛି । ଏହି ପଦ୍ଧତି ଅବଲମ୍ବନ କରିବା ଦ୍ୱାରା ଛେଳିଛୁଆମାନଙ୍କର ଜନ୍ମସମୟର ଓଜନ ବଢ଼ିଥାଏ ଏବଂ ଏହା ସହିତ ଜନ୍ମସମୟରେ ମୃତ୍ୟୁହାର ମଧ କମକିଥାଏ । ଏଥିଯୋଗୁ ଏହି କ୍ଷେତ୍ରପ୍ରଦର୍ଶନଟି ଛେଳିଚାଷୀମାନଙ୍କ ମଧରେ ଖୁବ୍ ଆଦୃତ ଲାଭ କରିବାର ଆଶା ରଖାଯାଇଅଛି ।

## ଧିଙ୍ଗିର ଛତୁ ଚାଷର କ୍ଷେତ୍ର ପ୍ରଦର୍ଶନ

ଜଗତସିଂହପୁର ଜିଲ୍ଲାରେ ସାଧାରଣତଃ ଶୀତଦିନେ ଧିଙ୍ଗିରି ଛତୁ ଚାଷ କରାଯାଉଅଛି । ଏହା ନଭେମ୍ବର ମାସରୁ ଫେବୃଆରୀ ମାସ ଭିତରେ ଚାଷ କରାଯାଇଥାଏ । ଧିଙ୍ଗିରି ଛତୁ ଅନେକ ଜାତିର ଅଟେ । ତେବେ ସେଥିମଧ୍ୟରୁ ବର୍ତ୍ତମାନ ପି. ସଦରକାଜୁ, ପି. ଫ୍ଲୋରିଡ଼ା, ପି. ଫ୍ଲାବେଲାଟସ୍, ପି. ଇଅସ୍, ପି. ଅଷ୍ଟ୍ରିଆଟସ୍ ଓ ହିପସିଜାଇଗସ୍ କିସମ ଆମ ଜିଲ୍ଲାରେ କରାଯାଉଅଛି । କିନ୍ତୁ ଏଗୁଡ଼ିକ ମଧ୍ୟରୁ ଆମେ ହିପସିଜାଇଗସ୍ କିସମର ଧିଙ୍ଗିରି ଛତୁର କ୍ଷେତ୍ର ପ୍ରଦର୍ଶନ କାର୍ଯ୍ୟକ୍ରମଟି ନିକଟସ୍ଥ ନିମକଣା ଗ୍ରାମରେ କରାଯାଇଥିଲା । ଏହି କାର୍ଯ୍ୟକ୍ରମରେ ବେଡ଼ ପ୍ରତି ୨ କି.ଗ୍ରା. ନଡ଼ା, ୨୦୦ ଗ୍ରାମ୍ ଧିଙ୍ଗିରି ଛତୁ ମଞ୍ଜି, ୨୦୦ ଗ୍ରାମ୍ ଅଧାଶିଶି ଗୋଟା ଗହମ, ୮୦ ସେ.ମି. ଲମ୍ବ ଓ ୪୦ ସେ.ମି. ଚଉଡ଼ା ବିଶିଷ୍ଟ ପଲିଥିନ୍ ବ୍ୟବହାର କରାଯାଇଥିଲା । ପ୍ରାୟ ୨୫ରୁ ୩୦ ଦିନ ପରେ ପ୍ରଥମେ ଛତୁ ଫୁଟିବାକୁ ଆରମ୍ଭ କରିଥିଲା ଏବଂ ଯାହାର ରଙ୍ଗ ଇସତ୍ ନୀଳ ଥିଲା ଏବଂ ଏହା ପେନ୍ଥା ପେନ୍ଥା ହୋଇ ପ୍ରାୟ ବେଡ ପ୍ରତି ୨.୫ କେ.ଜି.ର ଫୁଟିଥିଲା । ଏହା ପର୍ଯ୍ୟାୟକ୍ରମେ ୩ରୁ ୪ ଥର ଫୁଟିଥିଲା । ଏଥିରେ ଚାଷୀମାନେ ହାରାହାରି ୪୦ ଟଙ୍କା ଖର୍ଚ୍ଚ କରି ୧୬୦ ଟଙ୍କା ଲାଭ ପାଇପାରିଥିଲେ । ତେଣୁ ଏହି କିସମର ଧିଙ୍ଗିରି ଛତୁ ଚାଷର ବହୁଳ ପ୍ରଚାର ଓ ପ୍ରସାର ନିମନ୍ତେ କୃଷି ବିଜ୍ଞାନ କେନ୍ଦ୍ର ତରଫରୁ ଯୋଜନା କରାଯାଉଅଛି ।




ପ୍ରକାଶକ : କୃଷି ବିଜ୍ଞାନ କେନ୍ଦ୍ର
ମୁଖ୍ୟ ସମ୍ପାଦକ : ଡ. ବିଶ୍ୱରଂଜନ ପଟ୍ଟନାୟକ
କାର୍ଯ୍ୟକାରୀ ସମ୍ପାଦକ : ସରିତା ଦାସ
ମୁଦ୍ରଣ : ଅସୀମା ପ୍ରିଣ୍ଟର୍ସ, ଭୁବନେଶ୍ୱର -୧୨
ଫୋନ୍ : ୯୪୩୭୧୧୨୦୮୯

ସମ୍ପାଦନା ମଣ୍ଡଳି:
ଶ୍ରୀଯୁକ୍ତ ଆଶିଷ କୁମାର ମହାନ୍ତି, ଶ୍ରୀଯୁକ୍ତ ବିଜୟ କୁମାର ରାଉତରାୟ, ଡ. ପ୍ରଭାତ କୁମାର ପାଢ଼ୀ, ଡ. ପ୍ରଦୀପ୍ତ ମାଝୀ, ସସ୍ମିତା ପୁରୋହିତ, ଶ୍ରୀଯୁକ୍ତ ଦିବ୍ୟେନ୍ଦୁ ମଣ୍ଡଳ, ଶ୍ରୀଯୁକ୍ତ କମଳ ଲୋଚନ ମହାନ୍ତ



ଯୋଗାଯୋଗ : କୃଷି ବିଜ୍ଞାନ କେନ୍ଦ୍ର, ଜଗତସିଂହପୁର, ନିମକଣା - ୭୫୪୧୬୦
ଇ-ମେଲ୍ : jagatsinghpurkkvk@yahoo.co.in, kvkjagatsinghpur.ouat@gmail.com
website : www.kkvkjagatsinghpurzpdvii.org, ଦୂରଭାଷ: ୮୭୬୩୮୦୫୪୭୬




# କୃଷିଶ୍ରୀ


କୃଷି ବିଜ୍ଞାନ କେନ୍ଦ୍ର, ଜଗତସିଂହପୁର, ନିମକାଣା
Krishi Vigyan Kendra, Jagatsinghpur, Nimakana






ଏକାଦଶ ବର୍ଷ, ତୃତୀୟ ସଂଖ୍ୟା
ଅକ୍ଟୋବର ୨୦୧୯- ମାର୍ଚ୍ଚ ୨୦୨୦, ଷାଣ୍ମାସିକ


## ବରିଷ୍ଠ ବୈଜ୍ଞାନିକ ତଥା ମୁଖ୍ୟଙ୍କ ଲେଖନୀରୁ...



କୃଷି ବିଜ୍ଞାନ କେନ୍ଦ. ଜଗତସିଂହପୁର ପ୍ରତିଷ୍ଠା ହେବାର ୧୫ ବର୍ଷ ଅତିବାହିତ ହୋଇଯାଇଛି । ଏହି ୧୫ ବର୍ଷ ମଧ୍ୟରେ କୃଷି ବିଜ୍ଞାନ କେନ୍ଦ୍ର କୃଷି ଓ ତା'ର ଆନୁସଙ୍ଗିକ କ୍ଷେତ୍ରରେ ନୂତନ ଜ୍ଞାନକୌଶଳର ପ୍ରସାରଣ କରି ଜିଲ୍ଲାର କ୍ଷୁଦ୍ର, ନାମମାତ୍ର ଚାଷୀ, ବେକାର ଯୁବକଯୁବତୀ, ଆଦିବାସୀ, ହରିଜନ ତଥା କୃଷିଜୀବୀ ମହିଳାମାନଙ୍କର ଆର୍ଥିକ ମାନଦଣ୍ଡର ଉନ୍ନତି ପାଇଁ ଚେଷ୍ଟା କରି ଅନେକ ସଫଳତା ପାଇଛି । ଏହି ଜିଲ୍ଲାରେ ଅତ୍ୟାଧୁନିକ କୃଷିକୁ ଆହୁରି ଲୋଭାଭିମୁଖୀ କରିବାକୁ କିଷାନ ମୋବାଇଲ୍ ସନ୍ଦେଶ ଏବଂ ହ୍ୱାଟ୍‌ସଆପ୍ ମାଧ୍ୟମରେ ସଠିକ୍ ସମୟରେ ସଠିକ୍ ବାର୍ତ୍ତା ପ୍ରେରଣ କରାଯାଉଛି । ଏହି ଜିଲ୍ଲାର ଚାଷୀକୁଳ ସଦାସର୍ବଦା ଉନ୍ନତିର ଶିଖରକୁ ଯିବା ପାଇଁ ପ୍ରତିବଦ୍ଧତାର ସହ କୃଷିକାର୍ଯ୍ୟ କରି ଆସୁଛନ୍ତି । ଏହି ଷାଣ୍ମାସିକ ପତ୍ରିକା ମାଧ୍ୟମରେ କୃଷି ବିଜ୍ଞାନ କେନ୍ଦ୍ରର ବିଭିନ୍ନ କାର୍ଯ୍ୟକ୍ରମ, କୃଷକମାନଙ୍କ ସଫଳତା, ସ୍ଥାନୀୟ କୃଷି ସମସ୍ୟାର ସମାଧାନ ସୂତ୍ର ତଥା କୃଷି କ୍ଷେତ୍ରରେ ନୂତନ ଜ୍ଞାନ ସମ୍ବନ୍ଧରେ ଆବଶ୍ୟକ ତଥ୍ୟ କୃଷକ ତଥା କୃଷି କର୍ମଚାରୀମାନଙ୍କ ପାଖରେ ପହଞ୍ଚାଇବା ଦିଗରେ ଚେଷ୍ଟିତ ଅଛୁ ।

(ଡ. ବିଶ୍ୱରଂଜନ ପଟ୍ଟନାୟକ)

ବରିଷ୍ଠ ବୈଜ୍ଞାନିକ ଏବଂ ମୁଖ୍ୟ
କୃଷି ବିଜ୍ଞାନ କେନ୍ଦ୍ର, ଜଗତସିଂହପୁର